# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ---୯୪୮------/ସୂ.ଲୋ.ସଂ, --୨୭/୦୯/୨୦୧୮-----

## ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ବନ୍ଧୁ ଚରଣ ଦାସଙ୍କ ସମୀକ୍ଷା

ଢେଙ୍କାନାଳ, ତା ୨୭/୦୯/୨୦୧୮ରିଖ :- ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ବନ୍ଧୁ ଚରଣ ଦାସ ଏକ ଦୁଇଦିନିଆ ଢେଙ୍କାନାଳ ଗସ୍ତରେ ଆସି ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ ।

ସମୀକ୍ଷା ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ପରିଚୟ ପ୍ରଦାନ ସହ ସମସ୍ତଙ୍କୁ ବୈଠକକୁ ସ୍ୱାଗତ କରାଇଥିଲେ । ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଦାସ ତାଙ୍କ ପ୍ରାରମ୍ଭିକ ଅଭିଭାଷଣରେ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଢେଙ୍କାନାଳ ଜିଲ୍ଲାରେ ସୁପରିଚାଳନା ପାଇଁ ପ୍ରଶାସନ, ଜନପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ପାଲଲହଡ଼ା ବିଧାୟକ ଶ୍ରୀ ମହେଶ ସାହୁ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଏହି ବୈଠକରେ ଉପସ୍ଥିତ ରହି ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେମାନଙ୍କର ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ଯୋଜନା ସମସ୍ତଙ୍କ ସହଯୋଗରେ ଲକ୍ଷ୍ୟ ପୂରଣ କରିପାରିବ ବୋଲି ସେ ଦୃଢ଼ ମତପୋଷଣ କରିଥିଲେ । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ, ଢେଙ୍କାନାଳ ସଦର ଶ୍ରୀ ସରୋଜ କୁମାର ସାମଲ ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟ ଯୋଜନାଗୁଡ଼ିକୁ ଢେଙ୍କାନାଳ ଜିଲ୍ଲା ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ଶ୍ରୀ କଲ୍ୟାଣ ନରେଗା, ଗ୍ରାମ୍ୟ ସଡ଼କ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡ଼ିଆ, ବିଜୁ ପକ୍କା ଘର ଇତ୍ୟାଦି ଯୋଜନା ସଂପର୍କୀତ ତଥ୍ୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରାଙ୍କ ମାଧ୍ୟମରେ ଉପସ୍ଥାପନ କରାଇଥିଲେ । ତାପରେ ଗ୍ରାମୀଣ ଜୀବିକା ମିଶନର ପାଞ୍ଚଟି ବ୍ଲକର ସବୁ ଗ୍ରାମପଞ୍ଚାୟତରେ ଚାଲୁଥିବା

କାର୍ଯ୍ୟର ସମୀକ୍ଷା କରାଯାଇଥିଲା । କାମାକ୍ଷ୍ୟାନଗର ଓ ହିନ୍ଦୋଳ ବ୍ଲକ୍‌ରେ ଡି.ଡି.ୟୁ - ଜି.କେ.ୱାଇ. କାର୍ଯ୍ୟ ଆରମ୍ଭ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଛି । ଗୋପବନ୍ଧୁ ଗ୍ରାମୀଣ ଯୋଜନା ସହିତ ଚାଲୁଥିବା କାର୍ଯ୍ୟ ଠିକ୍ ସମୟରେ ଶେଷ କରିବାକୁ ସମୀକ୍ଷା ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଜଳସମ୍ପଦ ଓ ଉଠା ଜଳସେଚନରୁ ଚଳିତ କାର୍ଯ୍ୟକାରୀ ପ୍ରକଳ୍ପ ସଂପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ ଓ ନିର୍ବାହୀ ଯନ୍ତ୍ରୀ ତଥ୍ୟ ଉପସ୍ଥାପନ କରିଥିଲେ । ପାନୀୟ ଜଳ ଯୋଗାଣରେ ଢେଙ୍କାନାଳ ଜିଲ୍ଲା ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି । ଜିଲ୍ଲାରେ ବାକି ରହିଥିବା ୬ ଗୋଟି ଗ୍ରାମପଞ୍ଚାୟତର ପାନୀୟ ଜଳ ଯୋଗାଣ କାର୍ଯ୍ୟ ଯଥାଶୀଘ୍ର ଶେଷ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦାମୋଦର ସାହୁ ପ୍ରକାଶ କରିଥିଲେ । ବୃହତ ଜଳଯୋଗାଣ ପ୍ରକଳ୍ପ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଥିବା ସେ କହିଥିଲେ । ଆସନ୍ତା ଗାନ୍ଧୀ ଜୟନ୍ତୀ ଠାରୁ ଢେଙ୍କାନାଳ ସଦର ବ୍ଲକ୍ ମଳମୁକ୍ତ ବ୍ଲକ୍ ଭାବେ ଘୋଷଣା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କଲ୍ୟାଣ ପ୍ରକାଶ କରିଥିଲେ । ସ୍ୱଚ୍ଛ ଓଡ଼ିଶା କାର୍ଯ୍ୟକ୍ରମରେ ୨୦୧୯ ମସିହା ଜାନୁୟାରୀ ସୁଦ୍ଧା ସମସ୍ତ ବ୍ଲକକୁ ମଳମୁକ୍ତ ବ୍ଲକଭାବେ ଘୋଷଣା କରାଯିବାର କାର୍ଯ୍ୟକ୍ରମ ରହିଥିବା ଜିଲ୍ଲାପାଳ ଶ୍ରୀ କଲ୍ୟାଣ କହିଥିଲେ । ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ମାଧ୍ୟମରେ ଜିଲ୍ଲାରେ ଆଉ ୪ ଗୋଟି ପ୍ରକଳ୍ପ ବାକି ରହିଥିବା ସମୀକ୍ଷାରୁ ଜଣାପଡ଼ିଛି । ଏନ୍.ଡି.ପି.ସି. ତା'ର ପ୍ରତିଶ୍ରୁତି ପାଳନ କରୁନଥିବାରୁ ସଂସ୍ଥାକୁ ପତ୍ରାଳାପ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । କୃଷି କ୍ଷେତ୍ରରେ ଶତକଡ଼ା ୯୯ ଭାଗ ପ୍ରସାରଣ ଢେଙ୍କାନାଳ ଜିଲ୍ଲାରେ ସମ୍ଭବ ହୋଇପାରିଛି ବୋଲି ଉପନିର୍ଦ୍ଦେଶକ (କୃଷି) ଶ୍ରୀ ସୁଦାମ ବେହେରା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୪୦ କୋଟି ଫସଲ ବୀମା ଚଳିତ ବର୍ଷ ପ୍ରଦାନ କରାଯିବ । ଜିଲ୍ଲାର ୨୫ଟି ଗ୍ରାମକୁ ଆକାଂକ୍ଷା ଗ୍ରାମଭାବେ ଗ୍ରହଣ କରାଯାଇଛି । ୨୦୦୦ ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକତାକୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି ବୋଲି ଶ୍ରୀ ବେହେରା ବୈଠକରେ ଉପସ୍ଥାପନ କରିଥିଲେ । ଜଳନିଧି ଯୋଜନାରେ ୮ଟି କ୍ଲଷ୍ଟର ମଧ୍ୟରୁ ୨ଟି କ୍ଲଷ୍ଟର ଶେଷ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଛି । ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ହାଡ଼ିବନ୍ଧୁ ସେଠୀ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ମାଧ୍ୟମରେ ୭୦,୩୭୭ ଜଣଙ୍କୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୭୦,୬୪୨ ଜଣଙ୍କୁ ପଂଜୀକୃତ କରାଯାଇଛି । ଗାନ୍ଧୀ ଜୟନ୍ତୀ ଠାରୁ ସେମାନଙ୍କୁ ୫ କି.ଗ୍ରା. ଚାଉଳ ଯୋଗାଇ ଦିଆଯିବ । ୩୬,୬୨୪ କୃଷକଙ୍କୁ ଧାନ କ୍ରୟ ନିମନ୍ତେ ପଂଜୀକୃତ କରାଯାଇଛି । ଏହାଦ୍ୱାରା ଶତକଡ଼ା ୧୦୦ଭାଗ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଶ୍ରୀ ସେଠୀ କହିଥିଲେ । ଜିଲ୍ଲାପାଳ

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ---------------/ ସୂ.ଲୋ.ସଂ, ------------------------



ସମାଜକଲ୍ୟାଣ ବିଭାଗ ଉପ ନିର୍ଦ୍ଦେଶକଙ୍କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାମାକ୍ଷାନଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଦୁଇଗୋଟି ରାସ୍ତା କାର୍ଯ୍ୟ ଚାଲିଛି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୬ଟି ରାସ୍ତା ୨୮ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରାଯାଉଛି । ବିଜୁ ସେତୁ ଯୋଜନାରେ ୦୪ ଗୋଟି ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି । ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ୨୩ ଟି ପ୍ରକଳ୍ପ ମଧ୍ୟରୁ ୨୨ଟି ପ୍ରକଳ୍ପ ଶେଷ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଏକ 'ଆପ' ବିକାଶ କରାଯାଇ ଜିଲ୍ଲାର "ସମଗ୍ର ଶିକ୍ଷା" କାର୍ଯ୍ୟକ୍ରମକୁ ସଂପାଦନ କରାଯାଉଛି । ଏଥିପାଇଁ ୯୦ କୋଟି ବଜେଟ ରଖାଯାଇଥିବାବେଳେ ଦରମା ବାବଦରେ ୧୫ କୋଟି ୩୦ ଲକ୍ଷ ଟଙ୍କା ଏଥିରେ ଅନ୍ତର୍ଭୁକ୍ତ ଅଛି । 'ଖୁସି' କାର୍ଯ୍ୟକ୍ରମ ମାଧ୍ୟମରେ ବାଳିକାମାନଙ୍କୁ "ସାନିଟାରୀ ନାପକିନ" ପ୍ରଦାନ କରାଯାଉଛି । ଆସନ୍ତା ଶିକ୍ଷାବର୍ଷରୁ ସମସ୍ତ ଆଦର୍ଶ ବିଦ୍ୟାଳୟ ଆରମ୍ଭ ହେବବୋଲି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସୁଧାନନ୍ଦ ପରିଡ଼ା ପ୍ରକାଶ କରିଥିଲେ । ସମସ୍ତ ବିଦ୍ୟାଳୟରେ ଉପସ୍ଥାନ ସତକଡ଼ା ୧୦୦ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା କଲ୍ୟାଣ ଅଧିକାରୀ ଶ୍ରୀ ମାନସ ରଂଜନ ମିଶ୍ର ଜିଲ୍ଲାରେ ୧୨ ଗୋଟି ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ପ୍ରକାଶ କରିଥିଲେ । ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ନାଗ ଶ୍ରୀନାଥ ସାହୁ ମାମଲା ତୁରନ୍ତ ଫଇସଲା କରିବାକୁ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅର୍ଚ୍ଚନା ପଲ ଜିଲ୍ଲାରେ ୨୨୦୦ ଅଙ୍ଗନୱାଡ଼ି କେନ୍ଦ୍ରରୁ ୧୧୬ କେନ୍ଦ୍ରର ଘର ନଥିବା ପ୍ରକାଶ କରିଥିଲେ । ସମୁଦାୟ ଗ୍ରାମାଞ୍ଚଳ ୧୧,୯୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମୁଦାୟ ସହରାଞ୍ଚଳ ୩୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଥିବାବେଳେ FPS ଟି ନୂଆ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପଲ ପ୍ରକାଶ କରିଥିଲେ । "ମମତା" ଯୋଜନାରେ

'ମା'ମାନଙ୍କୁ ପ୍ରୋତ୍ସାହନ ଦିଆଯିବା ସହ କର୍ମୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି ।

ସମୀକ୍ଷା ବୈଠକ ଶେଷରେ ଭୂଷଣ, ଡିଏମଆର, ବି.ଆର.ଡି. କଂପାନୀଗୁଡ଼ିକର କର୍ମକର୍ତ୍ତାମାନଙ୍କୁ ନେଇ ସମୀକ୍ଷା କରାଯାଇଥିଲା । ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଦାସ ଜିଲ୍ଲାର ଯୁବକଯୁବତୀମାନଙ୍କୁ ଏହିସବୁ କଂପାନୀଗୁଡ଼ିକରେ ନିଯୁକ୍ତି ଦେବାପାଇଁ କଂପାନୀମାନଙ୍କୁ ପରାମର୍ଶ ଦେଇଥିଲେ, ଶ୍ରୀ ବୈକୁଣ୍ଠନାରାୟଣ ନାୟକଙ୍କ ବକେୟା ପାଉଣା ବି.ଆର.ଡି. କଂପାନୀ ତୁରନ୍ତ ପୈଠ କରିବାପାଇଁ ଶ୍ରୀଯୁକ୍ତ ଦାସ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ସମସ୍ତଙ୍କର ସହଯୋଗ ପାଇଁ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଦାସ ଓ ଜିଲ୍ଲାପାଳ ଶ୍ରୀ କଲ୍ୟାଣ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଆଶୁତୋଷ କୁମାର ନାୟକ ଉପସ୍ଥିତ ଥିଲେ ।

— x —

ହେମନ୍ତ କୁମାର ନାୟକ
୨୭/୮/୨୦୦୮
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ